RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -72 ସଂଖ୍ୟା-୭୨
ଭୁବନେଶ୍ୱର, ବୁଧବାର ୨୭ ମଇ ୨୦୨୬
Bhubaneswar, Wednesday 27 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ପାଇଖାନା ଟାଙ୍କିରେ ଚାଲିଗଲା ୬ ଜୀବନ

ଘର ମାଲିକ ଏବଂ ପୁଅ ସହିତ ୪ ଶ୍ରମିକ ମୃତ, ଜଣେ ଗୁରୁତର

କଳାହାଣ୍ଡି, ୨୬।୫(ନି.ପ୍ର.): ସକାଳୁ ସକାଳୁ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଗୌଡକର୍ଲାଖୁଣ୍ଟା ଗାଁରେ ଏକ ବଡ଼ ଅଘଟଣ ଘଟିଯାଇଛି । ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି । ସମସ୍ତଙ୍କୁ ମଦନପୁରରାମପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକଙ୍କ ଭିତରେ ଚାରି ଶ୍ରମିକ, ଘର ମାଲିକ ଏବଂ ତାଙ୍କ ପୁଅ ମଧ୍ୟ ରହିଛନ୍ତି ।

ମୃତକ ହେଲେ ଘର ମାଲିକ ନିମାଇଁ ପାଲ(୪୮) ଓ ତାଙ୍କ ପୁଅ ଆକାଶ ପାଲ (୨୮) । ମୃତ ଶ୍ରମିକମାନେ ହେଲେ ଅଦଲ ମାଝୀ (୫୫), ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ (୨୭), ଦୁଟାଗାଁର ଛନ୍ଦା ଜାଲ ଓ ବିପୁଲ ଜାଲ । ଗୁରୁତର ଜଣକ ହେଲେ ହାତୀଖୋଜ ଗାଁର ପଙ୍କଜ ଯାନୀ (୩୨) । ତାଙ୍କୁ ଏମ ରାମପୁର ମେଡିକାଲରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ସକାଳ ପ୍ରାୟ ୯ଟା ହେବ । ଶୌଚାଳୟ ପାଇଁ ଖଞ୍ଜା ଯାଇଥିବା ସେଣ୍ଟିଂ ଖୋଲିବା ପାଇଁ ପ୍ରଥମେ ଜଣେ ଶ୍ରମିକ ପ୍ରଥମେ ଭିତରକୁ ପ୍ରବେଶ କରିଥିଲେ । କିଛି ସମୟ ପରେ ତାଙ୍କର ସ୍ୱର ନରମି ଯାଇଥିଲା । ବାହାରେ ଥିବା ଲୋକେ ଯେତେ ଡାକିଲେ ମଧ୍ୟ ଭିତରୁ କିଛି ଶବ୍ଦ ଶୁଣାଯାଇ ନଥିଲା । ଫଳରେ ସେମାନେ ଚିନ୍ତାରେ ପଡି ଯାଇଥିଲେ । ଘର ମାଲିକ ମଧ୍ୟ ବ୍ୟଥିତ ହୋଇ ପଡୁଥିଲେ । ଏହା ପରେ ଭିତରକୁ ଆଉ ୨ଜଣ ଶ୍ରମିକ ପ୍ରବେଶ କରିଥିଲେ । ସେମାନଙ୍କର ଅବସ୍ଥା ମଧ୍ୟ ସମାନ ହୋଇ ଯାଇଥିଲା । ଶେଷରେ ଶୌଚାଳୟ ଟାଙ୍କି ଭିତରକୁ ମାଲିକ ନିମାଇଁ ଏବଂ ତାଙ୍କର ପୁଅ ଆକାଶଙ୍କ ସମେତ ୭ ଜଣ ପ୍ରବେଶ କରିଥିଲେ । ଯିଏ ବି ଭିତରକୁ ପ୍ରବେଶ କରୁଥିଲେ, ସିଏ ଅଣନିଃଶ୍ୱାସୀ ହୋଇଯାଉଥିଲେ । ନିସ୍ତେଜ ହୋଇ କେବଳ ହାତ ଠାରି ଇସାରା ଦେଉଥିଲେ । କାହାରି ପାଟିରୁ କଥା ବାହାରୁ ନଥିଲା । ଖନା ସ୍ୱରରେ କହୁଥିଲେ । ସତେ ଯେପରି ଯମର ଦଉଡି ଲାଗି ସାରିଥିଲା ।

ନିର୍ମାଣାଧୀନ ଶୌଚାଳୟ ଟାଙ୍କି ଭିତରୁ ୫ ଜଣ ଶ୍ରମିକ ଏବଂ ମାଲିକ ବାପ-ପୁଅଙ୍କୁ ଉଦ୍ଧାର କରାଯିବା ଘଟଣା ଚିନ୍ତାଜନକ ଥିଲା । ଘଟଣାସ୍ଥଳ ଯେତିକି ହୃଦୟ ବିଦାରକ ଥିଲା, ସେତିକି ଚିତ୍କାରପୂର୍ଣ୍ଣ ଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଲୋମ ଟାଙ୍କୁରି ଉଠୁଥିଲା । ନିମାଇଁ ପାଲଙ୍କ ପରିବାର ସ୍ତ୍ରୀ ଏବଂ ଝିଅ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ । ବୁକୁ ଫଟାଇ କାନ୍ଦୁଥିଲେ । ଏହି ଶବ୍ଦ ଶୁଣି ପଡୋଶୀ ଏବଂ ଗ୍ରାମବାସୀ ଦୌଡି ଆସିଥିଲେ ।

ଉପସ୍ଥିତ ଜନତାଙ୍କ ଉଦ୍ୟମରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ମଦନପୁର ରାମପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ସେଠାରେ ବାପ-ପୁଅ ଏବଂ ଅନ୍ୟ ୪ଜଣ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ । ପଙ୍କଜ ଭୋଇଙ୍କର ଚିକିତ୍ସା ଜାରି ରହିଛି । ଅଧିକ ଚିକିତ୍ସା ପାଇଁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି । ଡାକ୍ତର ସମସ୍ତଙ୍କୁ ସିପିଆର୍ ଦେବା ସହିତ ତୁରନ୍ତ ଅକ୍ସିଜେନ ଲଗାଇଥିଲେ । ମାତ୍ର କାହାକୁ ବଞ୍ଚାଇବା ସମ୍ଭବ ହୋଇପାରିନଥିଲା । ଶେଷରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଆଉ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେବି ସଙ୍ଗୀନ ରହିଛି । ଖବର ଲେଖା ଯିବାବେଳକୁ ଉକ୍ତ ବ୍ୟକ୍ତିଙ୍କ ଚିକିତ୍ସା ଜାରି ରହିଥିଲା । ତେବେ କାହାର ପରିଚୟ ମିଳିପାରି ନାହିଁ ।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ଏହା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ମୃତକଙ୍କ ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

ଅବଦୁର ରେହମାନ ନିର୍ଦ୍ଦୋଷ

ନୂଆଦିଲ୍ଲୀ, ୨୮।୫: ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କଟକ ଜିଲ୍ଲା ଦୌରାଜଜ୍ । ପୂର୍ବରୁ ଜାମସେଦପୁରର ଏକ କୋର୍ଟ ମଧ୍ୟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ । ଦିଲ୍ଲୀର ଏକ କୋର୍ଟ ତାଙ୍କୁ ୭ ବର୍ଷର ସଜା ଶୁଣାଇଥିଲେ, ଯାହା ଶେଷ ହୋଇ ସାରିଛି । ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନରେ ସେଠାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।

୨୦୧୫ରେ ସାଲେପୁର ପଶ୍ଚିମକଚ୍ଛରୁ ଗିରଫ ହୋଇଥିଲେ ଅବଦୁର ରେହମାନ । ତାଙ୍କୁ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଇଣ୍ଡିଆନ୍ ସବ୍ କଣ୍ଟିନେଣ୍ଟ ଲିଙ୍କ୍‌ରେ ଗିରଫ କରାଯାଇଥିଲା । ସେ ଆତଙ୍କବାଦୀ ନେଟଓ୍ୱର୍କ ବଢ଼ାଉଥିବା ଅଭିଯୋଗ ହୋଇଥିଲେ । ସେହିପରି ସେ ପାକିସ୍ତାନରେ ଆତଙ୍କବାଦୀଙ୍କୁ ଭେଟିଥିବା ନେଇ ଅଭିଯୋଗ ହୋଇଥିଲା । ସେ ଆତଙ୍କବାଦୀ ସଂଗଠନ ଅଲ-କାଏଦାରେ ଯୁବକଙ୍କୁ ନିଯୁକ୍ତି ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା । ସେ କଟକର ଟାଙ୍ଗୀ ଅଞ୍ଚଳରେ ବେଆଇନ ଭାବେ ଏକ ମଦ୍ରାସା ଚଲାଇବା ସହିତ ଯୁବକମାନଙ୍କ ଭିତରେ ଦେଶ ବିରୋଧୀ ଚିନ୍ତାଧାରା ଭର୍ତ୍ତି କରାଉଥିଲେ ବୋଲି ଅଭିଯୋଗ ହୋଇଥିଲା ।

ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରିଥିବା ବେଳେ ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା । କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଘଟଣାର ତଦନ୍ତ କରୁଥିଲା । ତେବେ କ୍ରାଇମବ୍ରାଞ୍ଚ କୋର୍ଟରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସପକ୍ଷରେ ପ୍ରମାଣ ଦେଇ ପାରି ନଥିଲା । କୋର୍ଟଙ୍କ ରାୟ ଆସିବା ପରେ ଅବଦୁର ରେହମାନ କହିଛନ୍ତି ତାଙ୍କୁ ମିଛ ଅଭିଯୋଗରେ ଫସାଇ ଦିଆଯାଇଥିଲା । ତେଣୁ ୧୧ ବର୍ଷ ଧରି ତାଙ୍କୁ ଜେଲ୍‌ରେ ରହିବାକୁ ପଡିଲା । ପରବର୍ତ୍ତୀ ଅବସ୍ଥାରେ ସବୁକିଛି ପ୍ରକାଶ କରିବେ ବୋଲି କହିଲେ ।

ବିଜେପିରେ ମିଶିଲେ ଦେବାଶିଷ ସାମନ୍ତରାୟ

ନୂଆଦିଲ୍ଲୀ, ୨୬।୫(ନି.ପ୍ର.): ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଜି ବିଜେପିରେ ଯୋଗ ଦେଇଛନ୍ତି । ସେ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି । ବିଜେପିରେ ମିଶିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଲି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଓଡିଶାର ବିକଶ ହେଉଛି । ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଥିବାରୁ ଧନ୍ୟବାଦ । ଓଡିଶାରେ ବିଜେପି ପାଇଁ ବହୁତ କାମ କରିବି ଓ ଦଳକୁ ଆହୁରି ସୁଦୃଢ଼ କରିବି ।

ବିଜେପିରେ ମିଶିବା ପରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଭେଟିଥିଲେ ଦେବାଶିଷ ସାମନ୍ତରାୟ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ନିତିନ ନବୀନଙ୍କୁ ଭେଟିଥିଲେ ।

ଗତକାଲି ବିଜେଡିରୁ ଇସ୍ତଫା ଦେବା ସହିତ ସେ ରାଜ୍ୟସଭା ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ । ନବୀନଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଦେବାଶିଷ ଉଲ୍ଲେଖ କରିଥିଲେ ଯେ ସେ ସର୍ବଦା ନିଜକୁ ଦଳର ସ୍ୱାର୍ଥ ପାଇଁ ଉତ୍ସର୍ଗ କରିଆସିଛନ୍ତି ଓ ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଏବଂ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରିଛନ୍ତି । ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିବାରୁ ସେ ନବୀନଙ୍କ ନିକଟରେ ଚିରଋଣୀ ରହିବେ ।

ମାତ୍ର ବର୍ତ୍ତମାନ ପରିସ୍ଥିତିକୁ ନେଇ ସେ ନିଜର କ୍ଷୋଭ ବ୍ୟକ୍ତ କରି କହିଥିଲେ ଯେ ବିଗତ କିଛି ଦିନ ହେବ ଦଳ ମଧ୍ୟରେ ତାଙ୍କୁ ଯୋଜନାବଦ୍ଧ ଭାବେ ନ୍ୟୁନ କରାଯାଇଛି, ଅପମାନିତ ଓ କୋଣଠେସା କରାଯାଇଛି । ଦଳରେ ତାଙ୍କ ସେବାର ଆଉ କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରୁଛନ୍ତି । ଏହି କାର୍ଯ୍ୟଶୈଳୀ ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଦେବାଶିଷ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ । ଦେବାଶିଷ ୨୦୨୪ ଏପ୍ରିଲରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ ତାଙ୍କର କାର୍ଯ୍ୟକାଳ ୨୦୩୦ ଏପ୍ରିଲରେ ଶେଷ ହେବ ।

ଅନୁପ୍ରବେଶ ପ୍ରସଙ୍ଗରେ ଉଚ୍ଚସ୍ତରୀୟ କମିଟି ଗଠନ

ନୂଆଦିଲ୍ଲୀ, ୨୮।୫: ଅନୁପ୍ରବେଶ ପ୍ରସଙ୍ଗକୁ କେନ୍ଦ୍ର ସରକାର ବେଶ ଗୁରୁତ୍ୱର ସହ ନେଉଥିବା କହୁଛନ୍ତି । ଅନୁପ୍ରବେଶ ଦେଶର ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ସାମାଜିକ ସମାନତା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସରକାର କହି ଆସୁଛନ୍ତି । ଏପରି କି ଅନୁପ୍ରବେଶ ଯୋଗୁ ସୃଷ୍ଟି ହୋଇଥିବା ସ୍ଥିତିର ଅନୁଧ୍ୟାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୫ ଅଗଷ୍ଟ ୧୫ରେ ଗୋଟିଏ କମିଟି ଗଠନ କରିବାର ପ୍ରତିଶ୍ରୁତି ଦେଇଥିଲେ ।

ହେଲେ ଏହି ପ୍ରତିଶ୍ରୁତିର ପ୍ରାୟ ୯ ମାସ ପରେ ଆଜି କେନ୍ଦ୍ର ସରକାର ଅନୁପ୍ରବେଶ ପ୍ରସଙ୍ଗରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । କମିଟି ଗଠନ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ୍ସ ଯୋଗେ ସୂଚନା ଦେଇଛନ୍ତି ।

ଅନୁପ୍ରବେଶ ଯୋଗୁ ଦେଶରେ ଦେଖାଯାଇଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନର ଯାଞ୍ଚ ପାଇଁ ଏହି କମିଟି ଗଠନ କରାଯାଇଥିବା ଶ୍ରୀ ଶାହ କହିଛନ୍ତି । ସେ ଏକ୍ସ ଯୋଗେ ଗତବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଘୋଷଣା ଅନୁସାରେ କମିଟି ଗଠନ କରାଯାଇଥିବା କଥା ବି ସମସ୍ତଙ୍କୁ ଅବଗତ କରିଛନ୍ତି ।

ସେ କହିଛନ୍ତି, "ଅନୁପ୍ରବେଶ ଓ ଅନ୍ୟ କାରଣରୁ ହେଉଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନ ଯେକୌଣସି ରାଷ୍ଟ୍ରର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଗୋଟିଏ ବଡ ଚ୍ୟାଲେଞ୍ଜ । ଏହି ଚ୍ୟାଲେଞ୍ଜରୁ ମୁକୁଳିବା ପାଇଁ ୨୦୨୫ ମସିହା ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ 'ଭୌଗଳିକ ପରିବର୍ତ୍ତନ'କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ କମିଟିର ଘୋଷଣା କରିଥିଲେ । ଏବେ ସରକାର ଏହି କମିଟିର ଗଠନ କରି ସାରିଥିବା ମୁଁ ବେଶ ଉତ୍ସାହର ସମସ୍ତଙ୍କୁ ଅବଗତ କରିବାକୁ ଚାହୁଁଛି ।"ଶ୍ରୀ ଶାହଙ୍କ କହିବା କଥା ଯେ କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରକାଶ ପ୍ରଭାକର ନାବଲେକର ନେବେ । ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଫିସର ବାଲାଜୀ ଶ୍ରୀବାସ୍ତବ, ଅର୍ଥନୀତିଜ୍ଞ ଡକ୍ଟର ଶାମିକା ରବି ଓ ଜନଗଣନା କମିଶନର ସଦସ୍ୟ ଭାବେ ରହିବେ ।

ଯୁଗ୍ମ ସଚିବ, ଗୃହ ମନ୍ତ୍ରଣାଳୟ ଏହି କମିଟିରେ ସଚିବ ସଦସ୍ୟ ଭାବେ କାମ କରିବେ । ଅନୁପ୍ରବେଶ ଓ ଅନ୍ୟ କାରଣରୁ ସମଗ୍ର ଦେଶରେ ହୋଇଥିବା ଭୌଗଳିକ ପରିବର୍ତ୍ତନର ବିସ୍ତୃତ ଯାଞ୍ଚ ଏହି କମିଟି କରିବ ।

ଅମିତ ଶାହ କହିଛନ୍ତି, "ଭୌଗଳିକ ପରିବର୍ତ୍ତନ ଆମର ସାର୍ବଭୌମତ୍ୱ ସମେତ ରାଷ୍ଟ୍ରୀୟ ସୁରକ୍ଷା, ଆଇନ ବ୍ୟବସ୍ଥା, ସାମାଜିକ ସମାନତାରେ ବିଭ୍ରାଟ ସୃଷ୍ଟି କରୁଛି । ଏହା ଜନଜାତି ସମାଜର ସଂରକ୍ଷଣ ସହ ଜଡିତ ଗୋଟିଏ ଗୁରୁତର ସମସ୍ୟା । ଗଠନ ହୋଇଥିବା କମିଟି ବେଆଇନ ପ୍ରବାସୀ ଓ ଅନ୍ୟ ଅସାମାନ୍ୟ କାରଣରୁ ପୂରା ଭାରତରେ ହେଉଥିବା ଭୌଗଳିକ ପରିବର୍ତ୍ତନର ବ୍ୟାପକ ମୂଲ୍ୟାଙ୍କନ କରିବ । ଧାର୍ମିକ ଓ ସାମାଜିକ ସଂପ୍ରଦାୟସ୍ତରରେ ହେଉଥିବା ଅସାମାନ୍ୟ ଜନସଂଖ୍ୟା ପରିବର୍ତ୍ତନର ଶୈଳୀର ବିଶ୍ଳେଷଣ କରିବ । ଖାଲି ସେତିକି ନୁହେଁ, ଏହାର ସୁନିଯୋଜିତ ଓ ସମୟ ଉପଯୋଗୀ ସମାଧାନ ଉପସ୍ଥାପନ କରିବ ।"

ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ଆଉ ଜଣେ ଗିରଫ, ୧୪କୁ ବୃଦ୍ଧି

ଭୁବନେଶ୍ୱର, ୨୬।୫(ନି.ପ୍ର.): ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରାଯିବା ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ତାଙ୍କ ନାଁ ବିନୋଦ କୁମାର ବେହେରା (୪୮) । ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଇନ୍ଦୁପୁରରେ । ସେ ଭୁବନେଶ୍ୱରର ସତ୍ୟନଗର ଅଞ୍ଚଳରେ ରହନ୍ତି । ତାଙ୍କୁ ପୁଲିସ କେନ୍ଦ୍ରାପଡ଼ାର ଇନ୍ଦୁପୁରରୁ ଗିରଫ କରିଛି । ଏହା ସହିତ ଏହି ମାମଲାରେ ଏଯାବତ ୧୬ ଜଣ ଗିରଫ ହୋଇଛନ୍ତି । ବିନୋଦଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି । ମୁଖ୍ୟ ଅଭିଯୁକ୍ତମାନେ ବାଉଁଶରେ ସୌମ୍ୟଙ୍କ ମୁଣ୍ଡ ଓ ଅନ୍ୟ ସମ୍ବେଦନଶୀଳ ଅଙ୍ଗରେ ପିଟିଥିଲେ । ତଦନ୍ତ ବେଳେ ମିଳିଥିବା ପ୍ରମାଣ ଆଧାରରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି । ଏହି ମାମଲାରେ କମିଶନରେଟ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ୫ ଜଣଙ୍କୁ ଗିରଫ କରିଛି । ଘଟଣାର ତଦନ୍ତ ଭାର ନିଜ ହାତକୁ ନେଲା ପରେ କ୍ରାଇମବ୍ରାଞ୍ଚ ବାଲିଅନ୍ତା ଥାନାକୁ ଯାଇ ତନାଘନା କରିବା ସହିତ ଘଟଣାସ୍ଥଳରେ ଯାଞ୍ଚ କରିଥିଲା । କ୍ରାଇମବ୍ରାଞ୍ଚ ଆଇଜି କହିଛନ୍ତି ଯେ ଘଟଣା ଦିନ ଆକ୍ରମଣରେ ବିନୋଦ ସଂପୃକ୍ତ ଥିଲେ । ସୌମ୍ୟଙ୍କ ସହିତ ତାଙ୍କର କୌଣସି ପୂର୍ବ ଶତ୍ରୁତା ନଥିଲା । ଘଟଣାର ତଦନ୍ତ ଜାରି ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଆଇଜି କହିଛନ୍ତି, ଆହୁରି ୮ରୁ ୧୦ ଜଣ ସ୍କାନରରେ ଅଛନ୍ତି ।

ଉତ୍ତର ଖାତା ଅଦଳବଦଳକୁ ମାନିଲା ସିବିଏସ୍‌ଇ

ନୂଆଦିଲ୍ଲୀ, ୨୬।୬: ନିଜର ଭୁଲ ସ୍ୱୀକାର କରିଛି ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଡୁକେସନ ବା ସିବିଏସ୍‌ଇ । ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍କିଂ ବେଳେ ବୋର୍ଡ ତ୍ରୁଟି କରିଥିବା ମାନିବା ସହ ସଂଶୋଧନର କରିଛି । ଦୁଇ ଜଣ ଦ୍ୱାଦଶ ଶ୍ରେଣୀର ଶିକ୍ଷାର୍ଥୀଙ୍କ ଉତ୍ତର ଖାତାର ମୂଲ୍ୟାଙ୍କନ ପରେ ଏଥିରେ ଅଦଳବଦଳ ଭଳି ସାଂଘାତିକ ତ୍ରୁଟିର ଅଭିଯୋଗ ହୋଇଥିଲା ।ପୁନଃ ମୂଲ୍ୟାଙ୍କନ ସମୟରେ ୨ ଶିକ୍ଷାର୍ଥୀଙ୍କ ଉତ୍ତର ଖାତା ଅନ୍ୟ କେଉଁ ପିଲାଙ୍କ ଖାତ ସହ ସିବିଏସ୍‌ଇ ଅଦଳବଦଳ କରି ଦେଇଥିଲା । ଏହା ସ୍ପଷ୍ଟ ହେବା ପରେ ସିବିଏସ୍‌ଇ ୨ ଶିକ୍ଷାର୍ଥୀଙ୍କ ଉତ୍ତର ଖାତାକୁ ପୁଣି ମୂଲ୍ୟାଙ୍କନ କରି ଉପଯୁକ୍ତ ରେଜଲ୍ଟ ପ୍ରକାଶ କରିଛି । ପୂରା ବିବାଦ ଦ୍ୱାଦଶ ଶ୍ରେଣୀର ଛାତ୍ର ବେଦାନ୍ତ ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ସୃଷ୍ଟି ହୋଇଥିଲା । ସେ ଅଭିଯୋଗ କରିଥିଲେ ଯେ ନୂଆ ଅନଲାଇନ ସ୍କ୍ରିପ୍ଟ ମନିଟରିଂ(ଓଏସ୍ଏମ) ବ୍ୟବସ୍ଥା ଦ୍ୱାରା ସିବିଏସ୍‌ଇ ତାଙ୍କ ଫିଜିକ୍ସ ଉତ୍ତର ଖାତାକୁ ଅପଲୋଡ କରିଛି । ହେଲେ ଉକ୍ତ ଉତ୍ତର ଖାତା ତାଙ୍କର ନୁହେଁ ।ବେଦାନ୍ତଙ୍କ ଏପରି ଅଭିଯୋଗ ପରେ ମୂଲ୍ୟାଙ୍କନରେ ହୋଇଥିବା ତ୍ରୁଟିର ପର୍ଦ୍ଦାଫାସ ହୋଇଥିଲା । ଏହି ତ୍ରୁଟି ଜଣେ ଶିକ୍ଷାର୍ଥୀଙ୍କ ପରୀକ୍ଷା ମାର୍କ ଓ କଲେଜରେ ନାମ ଲେଖାକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଥିଲା ।

ମେ ୨୩ରେ ବେଦାନ୍ତ ଏକାଧିକ ସୋଶାଲ ମିଡିଆ ପୋଷ୍ଟରେ ସିବିଏସ୍‌ଇର ଅପାରଗତାକୁ ନେଇ ନିରାଶ ଭାବ ପ୍ରକାଶ କରିଥିଲେ । ମୂଲ୍ୟାଙ୍କନ ହୋଇଥିବା ଉତ୍ତର ଖାତା ତାଙ୍କୁ ମାନସିକ ଆଘାତ ଦେଇଥିବା ସେ କହିଥିଲେ । ସିବିଏସ୍‌ଇ ଅପଲୋଡ କରିଥିବା ଫିଜିକ୍ସ ସ୍କ୍ରିପ୍ଟ ଆଉ ଜଣଙ୍କର ହୋଇଥିବା ବେଳେ ବୋର୍ଡ ଏହାକୁ ତାଙ୍କର କହିଥିବା ବେଦାନ୍ତ କହିଥିଲେ ।

ଏହାକୁ ନେଇ ସୋଶାଲ ମିଡିଆରେ ବେଶ ଝଡ ଦେବାକୁ ମିଳିଥିଲା । ବିବାଦ ବିବାରୁ ସିବିଏସ୍‌ଇ ନିଜର ଭୁଲକୁ ସ୍ୱୀକାର କରିଥିଲା । ଏଥିସହ ଆଉ ଜଣେ ଛାତ୍ରୀଙ୍କ କେମେଷ୍ଟ୍ରୀ ଉତ୍ତର ଖାତାକୁ ନେଇ ମଧ୍ୟ ସମାନ ଅଭିଯୋଗ ଆସିଥିବା କହିଥିଲା । ପରବର୍ତ୍ତୀ ଅବସ୍ଥାରେ ବୋର୍ଡର ଯୁଗ୍ମ ସଚିବ ସିଧାସଳଖ ବେଦାନ୍ତଙ୍କ ଇ-ମେଲ କରି ତାଙ୍କ ଫିଜିକ୍ସ ଉତ୍ତର ଖାତା ଦେଇଥିଲେ ଓ ମାର୍କ ସେହି ଅନୁସାରେ ସଂଶୋଧନ କରାଯାଉଥିବା କହିଥିଲେ । ସୋମବାର ରାତି ବେଳକୁ ବେଦାନ୍ତ ତାଙ୍କ ଉତ୍ତର ଖାତା ପାଇ ଯାଇଛନ୍ତି । ଏଥିସହ ସେ ସିବିଏସ୍‌ଇ ତାଙ୍କ ଅଭିଯୋଗ ପାଇବା ପରେ ପଦକ୍ଷେପ ନେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି । ତଥାପି ସେ ମୂଲ୍ୟାଙ୍କନକୁ ନେଇ ଏବେ ବି ଅସନ୍ତୁଷ୍ଟ ରହିଛନ୍ତି ଓ ସେ ପୁନଃ ମୂଲ୍ୟାଙ୍କନ ପାଇଁ ଆବେଦନ କରିପାରନ୍ତି ବୋଲି କହିଛନ୍ତି ।

ଅପହରଣ କରି ୮୦ ହଜାର ଟଙ୍କା ନେଇଗଲେ

ବଲାଙ୍ଗୀର, ୨୬।୫(ନି.ପ୍ର.):: ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅପହରଣ କରି ତାଙ୍କ ଠାରୁ ସ୍କୁଟି ସହ ୮୦ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ବଲାଙ୍ଗୀର ଜିଲା ପୁଇଁନ୍ତଳା ଥାନା ଅନ୍ତର୍ଗତ ଟାଙ୍କୁଳପଦର ଛକ ନିକଟରେ ୪ ଜଣ ଦୁର୍ବୃତ୍ତ ଏହି ଘଟଣା ଘଟାଇଥିଲେ । ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅଟକାଇଥିଲେ ।

ଡାହୁକ



ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ସାଥେ
ଯେମିତିକା ଖେଳ ଖେଳି
ଖାଇନି ପରିକା ଦଳି
ଘାଟେଇ ଚାଲନ୍ତି କାଣ୍ଡ
ଅସରପା ଏବେ ଛଡ଼ାଅନ୍ତି ଚୋପା
ବିନ୍ଧୁଛି ଧର୍ମେନ୍ଦ୍ର ମୁଣ୍ଡ ।
-ବିଧୁ

ବଢ଼ିଲା ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଚର୍ଚ୍ଚା

ଭୁବନେଶ୍ୱର୨୬।୫(ନି.ପ୍ର.):: ଆଉ କେଇଟା ଦିନ ପରେ ମୋହନ ସରକାର ପାଳିବେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ । ଏଥିପାଇଁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ତେବେ ଏହା ପୂର୍ବରୁ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେବାର ବଡ଼ ସଙ୍କେତ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଦୀର୍ଘ ଦୁଇ ବର୍ଷ ହେବ ଅନେକ ବିଧାୟକ ମନ୍ତ୍ରୀ ପଦ ପାଇବା ଆଶାରେ ଅପେକ୍ଷା କରି ରହିଛନ୍ତି । ଦୁଇ ବର୍ଷ ପୂର୍ତ୍ତିରେ ଏହି ସୁବର୍ଣ୍ଣ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଏହାରି ମଧ୍ୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ବଡ଼ ସଙ୍କେତ ଦେଇଛନ୍ତି । କୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇପାରେ । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସମୟ ସମୟରେ ଦିଲ୍ଲୀ ଗସ୍ତରେ ଯାଆନ୍ତି । ଆଗକୁ ଦୁଇ ବର୍ଷ ପୂର୍ତ୍ତି ଉତ୍ସବକୁ ଅତି ନିରାଡ଼ମ୍ବର ସହିତ ପାଳନ କରାଯିବ । ଏଥିରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦିଆଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ । ତେବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ମନ୍ତ୍ରୀ କହିଛନ୍ତି ଯେ କୌଣସି ମୁହୂର୍ତ୍ତରେ ଏହା ହୋଇପାରେ । ଖାଲି ସେତିକି ନୁହେଁ ନିଗମ ବୋର୍ଡ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି । ତେଣୁ ଯେତେବେଳେ ହେବ ସେତେବେଳେ ସମସ୍ତଙ୍କୁ ଜଣାଇଦିଆଯିବ ବୋଲି ସେ କହିଛନ୍ତି ।

ସେପଟେ ମୁଖ୍ୟମନ୍ତ୍ରୀ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଥିବାବେଳେ ରାଜ୍ୟ ବିଜେପି ସଭାପତି ମଧ୍ୟ ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି । ଦେବାଶିଷ ସାମନ୍ତରାୟଙ୍କ ମିଶ୍ରଣ ପର୍ବରେ ମନମୋହନ ସାମଲ ଯୋଗ ଦେଇଥିଲେ । ତେବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଜାତୀୟ ନେତାଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରେ ବୋଲି ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ବିଧାୟକମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି ହୋଇଛି । କାହାକୁ କେଉଁ ମନ୍ତ୍ରୀ ପଦ ମିଳିବ ଏବଂ କେଉଁ ମନ୍ତ୍ରୀ କେଉଁ ପଦରୁ ବାହାରିବେ ତାହାକୁ ନେଇ ଅଙ୍କ କଷା ଆରମ୍ଭ ହୋଇଛି ।

ପେଟ୍ରୋଲ-ଡିଜେଲ ପରେ ୨ ଟଙ୍କା ମହଙ୍ଗା ହେଲା ସିଏନଜି

ନୂଆଦିଲ୍ଲୀ, ୨୬।୫(ନି.ପ୍ର.):: ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡ । ମଙ୍ଗଳବାର ଦେଶରେ ମହଙ୍ଗା ହୋଇଛି ସିଏନଜି । କେଜି ପିଛା ସିଏନଜିର ମୂଲ୍ୟ ୨ ଟଙ୍କା ବୃଦ୍ଧି ପାଇଛି । ଗତ ୧୨ ଦିନ ମଧ୍ୟରେ ୪ର୍ଥ ଥର ପାଇଁ ସିଏନଜି ଦାମ ବଢ଼ିଛି । ବିଶ୍ୱ ବଜାରରେ ଶକ୍ତିର ଦାମ ବୃଦ୍ଧି ପାଉଥିବାରୁ ବିଭିନ୍ନ କମ୍ପାନୀଗୁଡିକ ସିଏନଜି ଦାମ ବାଢଛନ୍ତି ।

ବର୍ଦ୍ଧିତ ଦର ଆଜି ସକାଳ ୬ଟାରୁ ହିଁ ଲାଗୁ ହୋଇ ଯାଇଛି । ଏବେ ଦିଲ୍ଲୀରେ ସିଏନଜିର କେଜି ପିଛା ଦାମ ୮୩.୦୯ ଟଙ୍କାରେ ପହଞ୍ଚି ଯାଇଛି । ଏହାପୂର୍ବରୁ ରବିବାର ସିଏନଜିର କେଜି ପିଛା ଦାମ ୧ ଟଙ୍କା ବୃଦ୍ଧି ପାଇଥିଲା । ସେହିପରି ଶୁକ୍ରବାର ଦିଲ୍ଲୀ-ଏନସିଆରରେ ୧ ଟଙ୍କା ମହଙ୍ଗା ହୋଇଥିଲା ସିଏନଜି । ମେ' ୧୫ରେ ମଧ୍ୟ ସରକାର ସିଏନଜିର ଦାମ କେଜି ପିଛା ଦୁଇ ଟଙ୍କା ବଢ଼ାଇଥିଲେ । ଅର୍ଥାତ ୧୨ ଦିନରେ ସିଏନଜିର କେଜି ପିଛା ଦାମ ୭ ଟଙ୍କା ବୃଦ୍ଧି ପାଇ ସାରିଲାଣି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପେଟ୍ରୋଲ, ଡିଜେଲ ଓ ସିଏନଜି ଦାମ ବୃଦ୍ଧି ପାଉଥିଲେ ଯେ ପିଏନଜି ବା ପାଇପ ଯୋଗେ ପ୍ରାକୃତିକ ଗ୍ୟାସର ଦାମ ଅପରବର୍ତ୍ତିତ ରହିଛି । ସିଏନଜି ଭଳି ସରକାର ମେ' ୧୫ରୁ ଇତି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ୪ଥର ବୃଦ୍ଧି କରି ସାରିଲେଣି । ୨୦୨୨ ପରେ ପ୍ରଥମଥର ଚଳିତ ବର୍ଷ ମେ' ୧୫ ତାରିଖରେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ପାଇଥିଲା । ପ୍ରଥମେ ଉଭୟ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ୩ ଟଙ୍କା ଲେଖାଏ ବଢ଼ିଥିଲା । ଏହାର ୪ ଦିନ ପରେ ଅର୍ଥାତ ମେ' ୧୯ରେ ପେଟ୍ରଲ ଲିଟର ପିଛା ୮୭ ପଇସା ଓ ଡିଜେଲ ଲିଟର ପିଛା ୯୧ ପଇସା ମହଙ୍ଗା ହୋଇଥିଲା ।ମେ' ୨୩ରେ ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡର ସାମ୍ନା କରିବାକୁ ପଡିଥିଲା । ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ଯଥାକ୍ରମେ ୮୬ ଓ ୯୪ ପଇସା ବୃଦ୍ଧି ପାଇଥିଲା । ମଙ୍ଗଳବାର ପୁଣି ପେଟ୍ରୋଲର ଲିଟର ପିଛା ୨.୬୧ ଟଙ୍କା ଓ ଡିଜେଲ ୨.୭୧ ଟଙ୍କା ବଢ଼ିଥିଲା ।ଆଗକୁ ତେଲ ଦର ଆହୁରି ବୃଦ୍ଧି ପାଇବା ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ଆକାଶ ଛୁଆଁ ଓ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଉଛି । ଯାହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ ଉପରେ ପଡୁଛି ।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-282

କାର୍ଯ୍ୟର ନାମ : ଖରିଆର ରୋଡ୍‌ରେ ଗୋଟିଏ 20 ଶଯ୍ୟା ବିଶିଷ୍ଟ RPF ବାରାକ ସହିତ ବ୍ୟାୟାମଶାଳା, ଚିତ୍ତବିନୋଦନ କକ୍ଷ ଇତ୍ୟାଦିର ନିର୍ମାଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 13,67,916.47, **EMD :** ₹ 27,400/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ (06) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.06.2026ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps. gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-186/R/26-27